# ପ୍ରାପ୍ତି

. . . ପ୍ରଥମ ଥର ପାଇଁ ମୋତେ ଓଡିଶା ବାହାରକୁ ଗୀତ ଗାଇବାକୁ ନିମନ୍ତ୍ରଣ ମିଳିଥିଲା । ବନାରସ ହିନ୍ଦୁ ୟୁନିଭରସିଟିର ପ୍ରାକ୍ତନ ଛାତ୍ର ସଂଘର ବାର୍ଷିକ ଉତ୍ସବ । ବୋଧହୁଏ ଅନେକ ଓଡିଆ ଥିଲେ ଓ ଆଗରୁ ମୋର ଗୀତ ଶୁଣିଥିଲେ । ଏଇ ଆମନ୍ତ୍ରଣ ମୋତେ ଯେତିକି ଖୁସି ଦେଲା ସେତିକି ବ୍ୟସ୍ତ ବି କରିପକାଇଲା । କେମିତି ଯିବି ? କେମିତି ଗାଇବି ? କଣ ଗାଇବି ? ଯିବା ଆସିବା ଟ୍ରେନ୍‌ରେ ଓ ସେଠାରେ ଦୁଇଦିନର ପ୍ରୋଗ୍ରାମ ଏମିତି ଛ'ଦିନର କଥା । ମୋ ଝିଅକୁ ନଅବର୍ଷ ସେତେବେଳେ ଓ ପୁଅକୁ ତିନିବର୍ଷ । ମୋ ସ୍ୱାମୀ କହିଲେ ସମୟଥିଲେ ସେ ଯାଇଥାନ୍ତେ ସାଙ୍ଗରେ । କିନ୍ତୁ ଏତେଗୁଡାଏ ଦିନ ସମ୍ଭବ ନୁହେଁ ସେଇ ସମୟରେ ତାଙ୍କ ପାଇଁ । ମୁଁ ଆଶା କରିଥିଲି ମୋର ପ୍ରଥମ ପ୍ରୋଗ୍ରାମ, ଓଡିଶା ବାହାରେ; ତେଣୁ ସେ ନିଶ୍ଚୟ ସାଙ୍ଗରେ ଆସିବେ । କିନ୍ତୁ ଏ କଥା ବି ସତ । ସେ ଖୁବ୍ ବ୍ୟସ୍ତ ଓ ଏଇଥି ପାଇଁ ଛ'ଦିନ ନିକମା ହୋଇ ମୋ ସହ ମୋ ସିଡ୍ୟୁଲ୍ ଅନୁଯାୟୀ ବାହାରିବା ତାଙ୍କ ପାଇଁ ସହଜ ନୁହେଁ । ମୁଁ ବୁଝୁଥିଲି । ମୋ ବ୍ୟସ୍ତତା ତା'କୁ କହିଲି । ସେ ଶୁଣିଲା ଓ କିଛି କହିଲା ନାହିଁ । ସେ ପଟରୁ, ବନାରସରୁ ସେମାନେ ଫୋନ୍ କରୁଥାନ୍ତି । ସେମାନଙ୍କୁ ସ୍ୱୀକୃତି ଦେବାକୁ ହେବ । ଦୁଇଦିନ ପରେ ସେ କହିଲା, ଗୋଟିଏ ସେମିନାର୍‌ର ଆୟୋଜନ ହେଉଛି ବିଏଚ୍‌ୟୁରେ; ତା'କୁ ଡକାହୋଇଛି ପେପର୍ ପଢ଼ିବାପାଇଁ । ସେଇ ସମୟରେ, ଯେତେବେଳେ ମୋର ଗୀତ ପ୍ରୋଗ୍ରାମ । ମୁଁ ଜାଣିପାରିଲି କୌଣସି ଉପାୟରେ ସେ ଏତକ ଯୋଜନା କରିଛି ମୋ ସହ ଯିବାପାଇଁ । ଏମିତିରେ ମୋତେ ବେଶ୍ ସହଜ ମଧ ଲାଗିଲା , ଯାହାହେଉ ଆଉ ଡରିବାର ନାହିଁ । ପ୍ରାୟ ମାସକ ପରେ ପ୍ରୋଗ୍ରାମଟି ଥିଲା । ଶାଶୁ ରହୁଥିଲେ ଆମ ପାଖରେ ଘରେ, ତେଣୁ ପିଲାମାନଙ୍କୁ ନେଇ ଖୁବ୍ ଧନ୍ଦି ହେବାରୁ ମୁଁ ରକ୍ଷା ପାଇଲି । ମୋ ସ୍ୱାମୀ ମଧ କହିଲେ ଯେ ଯିବ ଯଦି ଯାଅ ଓ ସେ ଏଇ ସମୟ ଭିତରେ ଘର ଛାଡି ଟୁର୍‌ରେ ଯିବେ ନାହିଁ ।

ଯଦିଓ ଟ୍ରେନ୍‌ରେ ଏକାଠି ଯାଇଥିଲେ ମୋତେ ସୁବିଧା ହୋଇଥାନ୍ତା, ସେ କିନ୍ତୁ ବାରଣ କଲା । ବରଂ ଏକାଠି ଏକାଦିନରେ ଟ୍ରେନରେ ଫେରିବା, କିନ୍ତୁ ଅଲଗା ଅଲଗା ଯିବା । ଭୁବନେଶ୍ୱର ଛୋଟ ଜାଗା, ଗୁଡା ଗୁଜବ, ବଦନାମୀ ହେବ । ତା'ଠାରୁ ଦୂରେଇ ରହିବା ଭଲ; ସେ କହିଲା । ସେ ମୋ ଯିବାର ଗୋଟିଏ ଦିନ ଆଗରୁ ଟ୍ରେନ୍ ଟିକେଟ୍ କରିଥିଲା । ଏମିତିରେ ଏକୁଟିଆ ଟ୍ରେନ୍‌ରେ ମୋତେ ଭଲ ଲାଗେ ନାହିଁ । କିନ୍ତୁ ଯିବାକୁ ପଡିଲା; ପ୍ରୋଗ୍ରାମର ଗୋଟିଏ ଦିନ ଆଗରୁ ପହଞ୍ଚିବାକୁ ପଡିଲା । ମୋର ତବଲା, ତାନ୍‌ପୁରା ଇତ୍ୟାଦିସହ ସେଇଠି ସଙ୍ଗତ କରିବାକୁ ଥିଲା ।

ବିଏଚ୍‌ୟୁରେ ଗୋଟିଏ ଗେଷ୍ଟହାଉସ୍‌ରେ ଆମ ଦୁଇଜଣଙ୍କର ରହିବା ବ୍ୟବସ୍ଥା ହୋଇଥିଲା । ଏଇ ବ୍ୟବସ୍ଥାଟି ମଧ ତା'ର ଆୟୋଜନର ଫଳ, ମୁଁ ଜାଣିଥିଲି । ବିଏଚ୍‌ୟୁ କ୍ୟାମ୍ପସ୍ ଭାରି ସୁନ୍ଦର । ବଡ ବଡ ଗଛ, ପୁରୁଣା କୋଠାଘର, ଗୋଟିଏ ବିଶାଳ ଐତିହାସିକ ବିଶ୍ୱବିଦ୍ୟାଳୟ । ସକାଳୁ ମୟୂର ମୟୂରୀମାନେ ଗେଷ୍ଟହାଉସ୍‌ର ଆଖପାଖରେ ବୁଲୁଥାନ୍ତି । ମୟୂରର କୁହାଟ ପ୍ରାୟ ସବୁବେଳେ ଶୁଣାଯାଉଥାଏ । ମୋ ପ୍ରୋଗ୍ରାମ୍ ଖୁବ ଭଲ ହେଲା । ବେଶ୍ ନର୍ଭସ ଲାଗୁଥିଲେ ବି ମୁଁ ଜାଣିପାରୁଥିଲି ଯେ ମୁଁ ଭଲ ଗାଇଲି । ସେମାନଙ୍କ ମଧରେ ଅନେକ ଓଡିଆ ଥିଲେ ଯେଉଁମାନେ ମୋର ଓଡିଶୀ ଗୀତ ପସନ୍ଦ କଲେ । କିଛି ମୀରା ଭଜନ, କବୀର ଭଜନ ଗାଇଥିଲି, ଯଦିଓ

ହିନ୍ଦିଭାଷାଭାଷୀମାନେ ମଧ୍ୟ ଓଡିଶୀଗୀତ ଭଲ ଲାଗିଲା ବୋଲି କହିଥିଲେ । ସେମାନଙ୍କ ସହ ରାତ୍ରିଭୋଜନ ସରୁ ସରୁ ରାତି ସାଢ଼େ ନଅ । ସେ ମଧ୍ୟ ଏହିଠାରେ ସମସ୍ତଙ୍କ ସହିତ ଆମନ୍ତ୍ରିତ ହୋଇଥିଲା । ଆମେ ଏକାଠି ଖାଇଲୁ ।

"ଖାଇସାରିଲା ପରେ ଟିକିଏ ରହିଯିବୁ । ଆମେ ଅଲଗା ହୋଇ କ୍ୟାମ୍ପସ୍‌ରେ ବୁଲିବା । କେତେଟା ସୁନ୍ଦର ରାସ୍ତା ଆବିଷ୍କାର କରିଛି ମୁଁ ଏ ଭିତରେ ।" ସେ ଚୁପ ଚୁପ୍ କରି ପ୍ରାୟ ମୋ କାନ ପାଖରେ କହିଲା ।

ସେଦିନ ଚତୁର୍ଦ୍ଦଶୀ ଥିଲା ଓ ବିଏଚ୍‌ୟୁ କ୍ୟାମ୍ପସ୍ ଅପରୂପ ଲାଗୁଥିଲା । ଏମିତିରେ ଜହ୍ନରାତି ପାଇଁ ମୁଁ ସବୁବେଳେ ବ୍ୟାକୁଳ ଥିଲି । ଏମିତି ସ୍ୱଚ୍ଛନ୍ଦ, ସ୍ୱାଧୀନ ଭାବେ ବୁଲିବାକୁ ଆମକୁ କେବେହେଲେ ସୁଯୋଗ ମିଳି ନ ଥିଲା । ଆମେ ରାସ୍ତାରେ ଚାଲିବାକୁ ଲାଗିଲୁ । କେତେବେଳେ କେମିତି ପରସ୍ପରର ହାତ ଧରିନେଉଥିଲୁ । ବଡ ବଡ ଗଛସବୁ ଜହ୍ନ ଆଲୁଅ ଓ ଅନ୍ଧାରରେ ଖୁବ୍ ରହସ୍ୟମୟ ଲାଗୁଥିଲେ । ମୋର ଇଚ୍ଛା ହେଉଥିଲା ସାରାରାତି ଏମିତି ଚାଲୁଥାନ୍ତି କି କୋଉ ଗଛ ମୂଳେ ବସିଥାନ୍ତି ।

ହଠାତ୍ ଗୋଟିଏ ବଡ ଗଛ ପାଖରେ ଅଟକିଗଲା ସେ ।

"ଶୁଣି ପାରୁଛୁ ଏଇ ଶବ୍ଦ ?"

ମୁଁ କାନ ଡେରିଲି । ମୃଦୁ ଝପ୍‌କରି ଶବ୍ଦ, ଖୁବ୍ ମୃଦୁ । କେମିତି ଗୋଟାଏ ମିଠାଳିଆ ବାସ୍ନା ମଧ୍ୟ ।

"କଣ କହିଲୁ ?" ସେ ପଚାରିଲା । ଆମେ ପରସ୍ପରକୁ ମୁହଁକରି ଠିଆ ହେଇଥାଉ । ସେ ନଇଁପଡିଲା ଓ ଛୋଟ ଫଳଟିଏ ପରି କିଛି ଉଠାଇଆଣିଲା । ମୋ ଆଡକୁ ବଢ଼ାଇଦେଲା । ମୁଁ ଛୁଇଁଲି ସେଇ ନରମ ଫଳକୁ ଓ ନାକ ପାଖକୁ ନେଲି ।

"ମହୁଲ!" ମୁଁ ଖୁବ୍ ଆଶ୍ଚର୍ଯ୍ୟ ହେଲି । ସାଙ୍ଗେ ସାଙ୍ଗେ ଏପଟ ସେପଟକୁ ଚାହିଁଲି ମଧ୍ୟ । ସେମିତି ଫଳ ସବୁ ତଳେ ମାଟିରେ ପଡିଥିଲା ଓ ଜହ୍ନ ଆଲୁଅରେ ଅସ୍ପଷ୍ଟ ଦିଶୁଥିଲା । ପାଖରେ ବେଶ୍ ବଡ ଆବଡା ଖାବଡା ମହୁଲ ଗଛ !

"ଏଇ ଯେଉଁ ଶବ୍ଦ ଶୁଣୁଛୁ –ମହୁଲ, କୁକ୍ଷୀରୁ ଖସିପଡି ମାଟିକୁ ଛୁଇଁବାର ଶବ୍ଦ । ଠିକ୍ କୋମଳ ଚୁମ୍ବନ ପରି ଶବ୍ଦ- ନାଇଁ ?" ସେ ମୋ ହାତ ଧରିଲା । ମୁଁ ଉପରକୁ ଗଛକୁ ଚାହିଁଲି । ଭର୍ତ୍ତି ମହୁଲ ଗଛରେ । ଆମେ ତଳୁ ଗୋଟାଇବାକୁ ଲାଗିଲୁ, ଝପ୍ ଶବ୍ଦକୁ ଅନୁସରଣ କରି କରି । ଆଞ୍ଜୁଳା ଭର୍ତ୍ତି ହୋଇଗଲା ମହୁଲରେ । ଗେଷ୍ଟହାଉସ ଆଡେ ଚାଲିଚାଲି ଆମେ ରସୁଆଳ ମହୁଲ ଖାଇବାକୁ ଲାଗିଲୁ ।

"ବିଏଚ୍‌ୟୁ କ୍ୟାମ୍ପସରେ ମହୁଲ ଗଛ ଭର୍ତ୍ତି । ମୁଁ କାଲି ଏତକ ଆବିଷ୍କାର କଲି ଓ ଅପେକ୍ଷା କରିଥିଲି ତୋତେ ଦେଖାଇବା ପାଇଁ ।" ସେ କହିଲା । ମୁଁ ଛୋଟ ଝିଅଟେ ପରି କୁରୁଳୁଥିଲି ।

"ମୋତେ ଭିତରକୁ ଆସିବାକୁ କହିବୁନି ?" ଖୁବ୍ ନରମ ସ୍ୱରରେ କହିଲା ସେ । ମୋ ରୁମ୍ ବାହାରେ ଠିଆ ହୋଇଥିଲୁ ଆମେ ଓ ମୁଁ ପର୍ସ ଖୋଲି ଚାବି ବାହାର କରୁଥିଲି । ଏଇ ମୁହୂର୍ତ୍ତ, ଏଇ ପ୍ରଶ୍ନ ଆସିବ ବୋଲି ମୁଁ ଭାବୁଥିଲି ।

"ଆମେ ଆଉଥରେ ଚାଲିବା ଟିକିଏ ? ଯିବା ସେ ମହୁଲଗଛ ମୂଳକୁ ?" ମୁଁ କହିଲି ତା' ମୁହଁକୁ ଚାହିଁ ।

"ଚାଲ ।" ସେ କହିଲା ଓ ଆମେ ପୁଣି ଗେଷ୍ଟହାଉସ୍ ଗେଟ୍ ଟପି ବାହାରିଆସିଲୁ ।

"ଆମ ସpର୍କ ଲମ୍ବା ସମୟ ପର୍ଯ୍ୟନ୍ତ ବଞ୍ଚିରହୁ ବୋଲି ମୁଁ ଚାହୁଁଛି । ଶୀଘ୍ର ସରିନଯାଉ. . ." ଆମେ ସେଇ ମହୁଲ ଗଛ ତଳେ ଠିଆ ହୋଇଥିଲୁ ।

"କାହିଁକି ? କାହିଁକି ଏମିତି ଭାବୁଛୁ ତୁ ? ଆମ ସମ୍ପର୍କ କେବେହେଲେ ଭାଙ୍ଗିଯିବନାହିଁ ।" ସେ କହିଲା ।

ମୁଁ ଚୁପ୍ ରହିଲି ।

"ନାରୀ ପୁରୁଷର ସpର୍କ ସବୁଠାରୁ ନିବିଡ ହୁଏ,ମନ ସହ, ଦେହ ମଧ ମିଳିତ ହେଲେ -" ସେ ବେଶ ବୁଦ୍ଧିମାନ ଥିଲା । ମୁଁ ବୁଝାଇବାକୁ ଚାହୁଁଥିବା କଥାକୁ ସେ ବୁଝିଯାଇଥିଲା ।

"ନାରୀ ଓ ପୁରୁଷ ମଧ୍ୟରେ ତୀବ୍ର ଆକର୍ଷଣ – ଦେହଜ, ବେଶୀ ଦିନ ତିଷ୍ଟେ ନାହିଁ । ତା'ର ଅବଧି ବର୍ଷେଠାରୁ ଅଧିକ ନୁହେଁ ।" ମୁଁ କହିଲି ।

"ତୁ ଖାଲି ପଢ଼ିବା କଥା କହୁଛୁ । ପ୍ରକୃତରେ, ସବୁ ସ୍ଥଳରେ ଏମିତି ହୁଏ ନାହିଁ ।"

- ନା, ମୁଁ ନିଜ ଅଭିଜ୍ଞତାରୁ କହୁଛି । ଏଇ ବାକ୍ୟଟି ମୋ ଓଠ ପର୍ଯ୍ୟନ୍ତ ଚାଲିଆସିଲା ଓ ମୁଁ କୌଣସି ମତେ ତାକୁ ଢ଼ୋକି ଦେଲି । ଏ ନେଇ ଯେ ମୋର ଅଭିଜ୍ଞତା ଅଛି, ଏତକ ଜାଣି ତା'କୁ କଷ୍ଟ ହେବ ନିଶ୍ଚୟ । ତା'ସହ ଦେଖାହେବାର ଅନେକ ପୂର୍ବରୁ ମୋର ଏମିତି ଏକ ସମ୍ପର୍କ ହୋଇଥିଲା । ଯାହା ବେଶ୍ ଶୀଘ୍ର ସରି ମଧ ଯାଇଥିଲା । ଏବେ ଚେଷ୍ଟାକଲେ ମଧ ସେଇ ଲୋକଟି ମନେ ପଡେନାହିଁ ଭଲ ଭାବରେ । ସେତେବେଳେ ମୁଁ ଚାକିରି ଆରମ୍ଭ କରିନଥିଲି ଓ ମୋ ସ୍ୱାମୀଙ୍କ ସହ ତାଙ୍କ ଚାକିରି ସ୍ଥାନ ନାଗପୁରରେ ଆମେ ଥିଲୁ ।

"କୋଉ ଗୋଟାଏ ଉଦାହରଣ ଦେଇପାରିବ ? ଯଦି ସ୍ୱାମୀ ସ୍ତ୍ରୀ ସଂପର୍କ କଥା କହୁଥାଅ, ସେଇ ସମ୍ପର୍କରେ ପରସ୍ପର ପ୍ରତି ଆକର୍ଷଣ କେତେଦିନ ଯାଏଁ ରହେ ତୁମେ ଭଲଭାବରେ ଜାଣିଥିବ । ତେବେ ସେଥିରେ ବାଧବାଧକତା ଥାଏ ତେଣୁ ଚଳାଇ ନେବାକୁ ପଡେ ।" ମୁଁ କହିଲି ।

"ଆମ ସଂପର୍କ ନିଆରା ।" ସେ କହିଲା ।

"ମୁଁ ଆମ ସଂପର୍କ କଥା କହୁଛି । ସେ ନିଆରା ହୋଇ ରହୁ, ମୋର ଆଶା । ଆମେ 'ଭୋଗିବା'ର ଦାସ ହେବା ନାହିଁ ।"

"ଆମେ ନିଜେ ସଚେତନ ରହିଲେ ଏମିତି ପରିଣତି ହେବନାହିଁ । ଆମେ ତିନିବର୍ଷ ହେଲାଣି ପରସ୍ପରକୁ ଜାଣିଲେଣି ।" ସେ କହିଲା ।

"ମୁଁ ଚାହେଁ ଆମେ ତିରିଶବର୍ଷପରେ ବି ଏମିତି ପରସ୍ପରକୁ ଖୋଜୁଥିବା । ଆମେ 'ଭୋଗିବା'ର ଦାସ ହୋଇଗଲେ ଆଉ ପରସ୍ପରକୁ ଖୋଜିବା ନାହିଁ – ବରଂ ଅଧିକାଂଶ ସମୟରେ ଭୋଗିବାକୁ ଖୋଜିବା । ସେଥିପାଇଁ ପାଗଳହୋଇ ସମୟ ବାହାର କରିବା, ଏକାନ୍ତ ଖୋଜିବା, ଗେଷ୍ଟହାଉସ୍, ହୋଟେଲ୍ ଖୋଜିବା । ସେଇ ସୁଯୋଗର ଅପେକ୍ଷାରେ ଖାଲି ରହିବା, ଯେତେବେଳେ ତୁମ ସ୍ତ୍ରୀ ଘରେ ନଥିବ ବା ମୋ ସ୍ୱାମୀ ଟୁର୍‌ରେ ଯାଇଥିବେ । ଆମ ସଂପର୍କ ସେତେବେଳେ ଗୌଣ ହୋଇଯିବ ।" ମୁଁ ବୁଝାଇବା ଢ଼ଙ୍ଗରେ କହିଲି ।

"ତୁ ଏତେ କଥା ଭାବୁଛୁ ? କେମିତି ?" ସେ ଅବାକ୍ ହୋଇଗଲା । "ତୁ ତା'ହେଲେ ମୋତେ ଭଲପାଉନା । ପ୍ରେମ କରୁଥିଲେ ତୁ ଏମିତି ପ୍ରଶ୍ନ କରୁନଥାନ୍ତୁ ।" ସେ ଯଥେଷ୍ଟ ଆଘାତ ପାଇଥିଲା ପରି ଲାଗୁଥିଲା ।

“ପ୍ରେମ କଣ ଖାଲି ସବୁବେଳେ ଇନ୍ଦ୍ରିୟ ଉଚ୍ଚାଟନକାରୀ ହୁତ୍ ହୁତ୍ ଜଳୁଥିବା ନିଆଁ ? ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ଦିକ୍ ଦିକ୍ ଜଳୁଥିବା କାଠ ଅଙ୍ଗାର ପରି ନୁହେଁ ? ମୁଁ ଚାହେଁ ଆମ ପ୍ରେମ ଦିକ୍ ଦିକ୍ ଜଳୁଥିବା ରଡ ନିଆଁ ପରି ହେଉ ଓ ବେଶ୍ ଡେରିଯାଏ ଆମକୁ ଉତ୍ତାପ ଦେଉଥାଉ । ସାରା ଜୀବନ ଜଳିବ କି ନାହିଁ ତ କହିହେବ ନାହିଁ । ସଂପର୍କର ଆୟୁଷ ଏମିତିରେ ଖୁବ ଅଧିକ ହୁଏ ନାହିଁ ।”

“ସାରା ଜୀବନ ହିଁ ଜଳିବ । ତୋତେ ପଅଁଷଠି ବର୍ଷ ହେଲାବେଳେ ବି ମୁଁ ତୋତେ ଏମିତି ଚାହୁଁଥିବି, ଯଦି ବଞ୍ଚିଥାଏ. . . ” ସେ କହିଲା । ତା’ ସ୍ୱର ଭାରି ଶୁଭୁଥିଲା ।

“ମୁଁ ଅନେକ ଭାବିଛି ଏ ବିଷୟରେ । ମୁଁ ଜାଣିଥିଲି ଦିନେ ନା ଦିନେ ଆମେ ୟା’ର ସାମନା କରିବା । ଭାବିଲ ଦେଖି, ମୁଁ ଯଦି ପାଗଳ ପରି ତୁମକୁ ଝୁରିବି ସବୁବେଳେ, ଫୋନ୍ କରିବି, ଚିଠି ଲେଖିବି । ତୁମ ସ୍ତ୍ରୀ ହାତରେ ଗୋଟାଏ, ଦୁଇଟା ପଡିବ । ଫଳହେବ, ସେ ତୁମକୁ ଛାଡିକି ଯିବ ବା ଆମ ସଂପର୍କ ଭାଙ୍ଗିବ । ଏମିତି ଉଦାହରଣ ବହୁତ ଅଛି ସଂସାରରେ ତୁମେ ଜାଣ । ଆମେ ଲୁଚି ଛପି ବିଭିନ୍ନ ସ୍ଥାନରେ ମିଳିତ ହେବା । ଥରେ ମିଳିତ ହେଲେ ପରଥର କୋଉଠି କେମିତି ଦେଖାହେବ, ତା’ର ଯୋଜନା କରିବା । କିଛିଦିନ ପରେ ଏଇ ଉତ୍ତେଜନା କମିଯିବ । ତା’ପରେ ଆମେ ଆଉ ପରସ୍ପରକୁ ଖୋଜିବା ନାହିଁ । ଦେହଜ ଆକର୍ଷଣ କମି କମି ଯାଏ ଶେଷକୁ ସରିଯାଏ ।” ପୁଣି ମୋର ମୋ ଅନୁଭୂତି ମନେ ପଡିଗଲା । ମୁଁ ଆଉ ଅଧିକ କହିଲି ନାହିଁ ।

“କିନ୍ତୁ ଦେହ ବ୍ୟତୀତ କଣ ଦେହାତୀତ ସମ୍ଭବ ?” ସେ ପ୍ରଶ୍ନ କଲା ।

“ଆମ ସଂପର୍କରେ ଦେହନାହିଁ ବୋଲି ତୁମେ ଭାବି ପାରୁଛ ?” ମୁଁ ପାଲଟା ପ୍ରଶ୍ନ କଲି ।

“କିନ୍ତୁ ନାରୀ ପୁରୁଷର ସଂପର୍କରେ ସବୁବେଳେ ଗୋଟାଏ ଦୈହିକ ଆକର୍ଷଣ ତ ରହିବ – ସେକ୍ସୁଆଲ୍ ଟେନ୍ସନ୍ ।”

“ଠିକ୍ । ନାରୀ ପୁରୁଷର ସଂପର୍କ ଜୈବିକ ‘ଭୋଗିବା’ ବ୍ୟତିରକେ କଣ ନିବିଡ ହୋଇପାରିବ ନାହିଁ ? ପ୍ରେମର କେବଳ ଗୋଟିଏ ରଙ୍ଗ ରୂପ ନ ଥାଏ । ଯଦି ଥାଆନ୍ତା,ତେବେ ଆମର ମହାଭାରତରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କର ସମ୍ପର୍କ କେମିତି ବର୍ଣ୍ଣିତ ହୋଇଥାନ୍ତା ? ସେଇ ସଂପର୍କରେ ନିଶ୍ଚୟ ଗୋଟାଏ ଉପଭୋଗ୍ୟ ଟେନ୍ସନ୍ ଥିବ । ଦ୍ରୌପଦୀ ସୁନ୍ଦରୀ,ବୁଦ୍ଧିମତୀ ଓ ଶ୍ରୀକୃଷ୍ଣ କରିତକର୍ମା ରସିକ ଶେଖର । ଇତିହାସ ତ ନୁହେଁ ଏସବୁ । ମହାକବିମାନଙ୍କର ଲେଖନୀ ପ୍ରସୂତ ଚରିତ୍ର । ଦ୍ରୌପଦୀଙ୍କ ସହ ଶ୍ରୀକୃଷ୍ଣଙ୍କର ଚଟୁଳ ରସିକତାର ବର୍ଣ୍ଣନା ମଧ୍ୟ ଅଛି ମହାଭାରତର କୋଉ କୋଉ ଲେଖନକାରଙ୍କ ଆଖ୍ୟାନରେ । ବନ୍ଧୁତା ହିଁ ସାରାଜୀବନ ତିଷ୍ଠି ରହିଥିଲା ସେମାନଙ୍କ ମଧ୍ୟରେ । କୋଉ କାଳୁ ଲେଖା ହେଇଛି । ପରେ ପରେ କେତେ ବଡ ବଡ କବି ତା’କୁ ପୁନର୍ଲିଖନ କରିଛନ୍ତି । କିଏ ଜାଣେ, ହୁଏତ ଲେଖକଙ୍କ ମଧ୍ୟରେ କିଏ ମଧ୍ୟ ନାରୀ ହୋଇଥିବେ । ସତ ନ ଥିଲେ ପାଠ ଆସିଥାନ୍ତା କୋଉଠୁ ?”

ସେ ଚୁପ୍ ରହିଲା । ଟିକିଏ, ଉପରକୁ ମହୁଲ ଗଛକୁ ଚାହିଁଲା । “ଚାଲ୍, ଯିବା ।” କହିଲା ।

ଆମେ ଗେଷ୍ଟହାଉସ୍‌କୁ ଫେରିବା ବାଟରେ ମୁଁ ଭାବୁଥିଲି ମୁଁ କଣ କହିଲି । ମୋ ସ୍ୱାମୀଙ୍କ ସହ ମୋର ସଂପର୍କ, ପ୍ରେମକୁ ନେଇ ମୋର ପୂର୍ବ ଅନୁଭୂତି ସେସବୁ ମୋର ଏମିତି ଏକ ସିଦ୍ଧାନ୍ତକୁ ପ୍ରଭାବିତ କରିନାହିଁ ତ ? ହୁଏ ତ ସେ ଯାହା କହୁଛି ତା’ ମଧ୍ୟ ସତ ।

"ଗୁଡ୍ ନାଇଟ୍ ।" ମୋ ରୁମ୍ ପାଖରେ ପହଞ୍ଚି ସାରିଥିଲୁ ଆମେ ।

"ଗୁଡ୍ ନାଇଟ୍ ।" କହି ମୁଁ ଚାବି ଖୋଲିଲି ଓ ସେ ତା' ରୁମ୍ ଆଡକୁ ଆଗେଇଗଲା ।

ମୁଁ ଯାହା କହିଲି ତା' ସାଧାରଣତଃ ଘଟିବା ସହଜ ନୁହେଁ । ହୁଏତ କାଲିଠୁ ସେ ମୋ'ଠାରୁ ମୁହଁ ଫେରାଇ ନେବ । ମୁଁ ଯେମିତି ଭାବୁଛି ସେମିତି ସଂପର୍କ ନିଶ୍ଚୟ ବିରଳ । ଆଉ ତା'ର ଆୟୁଷ କେମିତି ବି କଳି ହେବ ? ମୁଁ ଗୋଟାଏ ବଡ ଜିଦ୍‌ଖୋର୍ ମାଇକିନିଆ; ମୁଁ ମନେ ମନେ ନିଜକୁ ଗାଳି ଦେଲି । କଣ ହୋଇଯାଇଥାନ୍ତା ଯଦି . . .

ପରଦିନ ସକାଳୁ ମୋ ରୁମ୍ କବାଟରେ ଠକ ଠକ୍ କଲା ସେ । ବ୍ରେକ୍‌ଫାଷ୍ଟ ଖାଇବାକୁ ଯିବା । ଏକାଠି ଆମେ କାଶୀ ବିଶ୍ୱନାଥ ଦର୍ଶନ କରିବାକୁ ଗଲୁ । ସେଇଠି ପୂଜକ ଆମକୁ ସ୍ୱାମୀ ସ୍ତ୍ରୀ ବୋଲି ଭାବିଲେ ଓ ନାଁ ଗୋତ୍ର ଇତ୍ୟାଦି ପଚାରିଲେ । ମୋତେ ଚକିତ କରି ସେ ଏମିତି ନାଁ କହିଲା ଆମ ଦୁଇଜଣଙ୍କର, ଯାହା ଆମର ହିଁ ନଥିଲା । ଘାଟରୁ ଆହୁଲା ମରା ହୁଲି ଡଙ୍ଗାରେ ବସି ଆମେ ଗଙ୍ଗାନଦୀରେ ବୁଲିଲୁ । ଗଙ୍ଗା ଆଳତୀ ଦେଖିବାପାଇଁ ଡଙ୍ଗା ବାହିନେଲା ଆମକୁ ।

"ସୁନ୍ଦରୀ ! ତୋ ଜହ୍ନ ଉଇଁଲାଣି ଦେଖ ।" ସେ ମୋତେ ଚେତେଇଦେଲା । ବାଟସାରା ଡଙ୍ଗାରେ ମୋ ହାତଧରି ବସିଥାଏ । ମୁଁ ମୁହଁ ବୁଲାଇ ଚାହିଁଲି । ବଡ ଗୋଲ୍ ଘିଅରଙ୍ଗର ପୂର୍ଣ୍ଣମୀ ଜହ୍ନ ଉଇଁ ଆସୁଥାଏ ନଦୀ ଆରପାରିରୁ ।

ସେ ମୋତେ ବେଳେବେଳେ ସୁନ୍ଦରୀ ବୋଲି କୁହେ । ମୁଁ ନିଜକୁ କେବେହେଲେ ଖୁବ୍ ଗୋଟାଏ ସୁନ୍ଦର ସ୍ତ୍ରୀଲୋକ ବୋଲି ଭାବିନାହିଁ । ସେଇ ମର୍ମରେ ଥରେ ଆପତ୍ତି କରିଥିଲି ତା' ଆଗରେ । ସେ କହିଥିଲା – "ଆରେ ସୁନ୍ଦରୀ ସ୍ତ୍ରୀ ଲୋକ କଣ ଖାଲି ତା' ଚମକୁ ନେଇ ଚିହ୍ନଟ ହୋଇଥାଏ ? ତୁ ମୋର ସୁନ୍ଦରୀ, ପୃଥିବୀର ସବୁଠାରୁ ବର ନାରୀ ।" ମୁଁ ତାକୁ ବେଳେବେଳେ 'ଧନ' ବୋଲି ସମ୍ବୋଧନ କରେ । ମୋତେ ଲାଗେ ସେମିତି ଡାକିବା ତାକୁ ଭଲ ଲାଗେ ।....................................

..........................................................................................................................

"ଇଏ ଅଙ୍ଗୁର ରସ, ଶୁଦ୍ଧ ଦ୍ରାକ୍ଷାରସ । ଆଉ କିଛି ନୁହେଁ । ଟିକିଏ ଢୋକଟିଏ ନେଇ ଦେଖ ।" ସେ ହିଁ ମୋତେ ୱାଇନ୍ ପିଇବା ଶିଖାଇଥିଲା । ମୋ ସ୍ୱାମୀ ହ୍ୱିସ୍କି ପିଅନ୍ତି ଓ ଅନେକ ପ୍ରକାର ପାନୀୟ ଘରେ ମହଜୁଦ୍ ଥାଏ । ତାଙ୍କ ସାଙ୍ଗସାଥୀମାନେ ହ୍ୱିସ୍କି, ରମ୍, ଜିନ୍, ଭଦ୍‌କା ଇତ୍ୟାଦି ପିଅନ୍ତି । ତାଙ୍କ ସାଥୀମାନଙ୍କ ପତ୍ନୀମାନେ ମଧ କିଏ କିଏ ଭଦ୍‌କା ବା ଜିନ୍‌ର କକ୍‌ଟେଲ୍ ପସନ୍ଦ କରନ୍ତି । ମୁଁ କିନ୍ତୁ ଅନେକଥର ଚେଷ୍ଟା କରିଥିଲି ସେ ସବୁ କିଛି ମୋତେ ଭଲ ଲାଗିନଥିଲା । ତାଙ୍କ ସହ ହ୍ୱିସ୍କି ବା ଅନ୍ୟ କିଛି ପିଇପାରିଥିଲେ ହୁଏତ ମୋ ସ୍ୱାମୀ ଖୁସି ହୋଇଥାନ୍ତେ । ଅନେକଥର ମୋତେ ସେ କହିଛନ୍ତି, ବାଧ କରିଛନ୍ତି । ମୋତେ ସେ ସ୍ୱାଦ ଭଲ ଲାଗିନାହିଁ । କିନ୍ତୁ ମୋ ସ୍ୱାମୀ କେବେ ମଧ ମୋତେ ୱାଇନ୍ ପିଇବା କଥା କହିନାହାନ୍ତି । ୱାଇନ୍ ଏମିତିରେ ଆମଘରେ ମଧ ନ ଥାଏ । ଇଏ ଯାହା ଆଣନ୍ତି ବା ୟା'ଙ୍କୁ ଯିଏ ଯାହା ଦିଏ ସବୁ ତାଙ୍କରି ପାନୀୟ ।

ଆମେ ଗୋଟିଏ କନ୍‌ଫରେନ୍‌ସରେ ଥରେ ହୋଟେଲ୍‌ରେ ଖାଇଲାବେଳେ ସେ ମୋତେ ଯାଚିଥିଲା । ତା' ଅନୁରୋଧ ରକ୍ଷାକରି ଟିକିଏ ଚାଖିଥିଲି ଓ ଧୀରେ ଧୀରେ ୱାଇନ୍ ପ୍ରତି ମୋର ରୁଚି ଆସିଗଲା ।

ଥରେ ଅଧେ କୋଉଠି ପାର୍ଟିରେ ବା ହୋଟେଲ୍‌ରେ ଅନ୍ୟମାନଙ୍କ ସହ ଖାଇଲାବେଳେ ଆମେ ଏକାଠି ୱାଇନ୍ ପିଇଥିବୁ । କିନ୍ତୁ ଏକାନ୍ତରେ ସେ ଓ ମୁଁ ଏକାଠି ବସି ପିଇବା ତ ସମ୍ଭବ ନୁହେଁ । ବିଶେଷକରି ଆମର ସମାଜରେ । ସାଧାରଣ ସ୍ଥାନରେ ନୁହେଁ । ଘରେ ମଧ୍ୟ ନୁହେଁ । ଜଣେ ନାରୀ ତା' ପୁରୁଷ ବନ୍ଧୁ ସହ ନିଜ ଘରେ ବସି ୱାଇନ୍ ପିଇବା ଏବେ ମଧ୍ୟ ଆମ ସମାଜରେ ସମ୍ଭବ ନୁହେଁ । ୱାଇନ୍ କାହିଁକି, ଖାଲି ବସି ଗପ କରିବା ମଧ୍ୟ ସମସ୍ତଙ୍କର ଚକ୍ଷୁଶୂଳ ହୁଏ ।

"କିଛି ତ ଦେଉନୁ ମୋତେ । ଆଜି ମୁଁ ତୋତେ ଗୋଟିଏ ନୂଆ ଜିନିଷ ଦେବି ।" ସେ ମୋତେ ସକାଳେ କ୍ଲାସକୁ ଯିବାବେଳେ କହିଥିଲା ଥରେ । ସେଇ ଘଣ୍ଟାଏ ପରେ କଲେଜ୍ ସସ୍‌ପେଣ୍ଡ୍ ହେବାର ଥିଲା ।

"କଣ ?" ମୋ ଉତ୍ସୁକତା ବଢ଼ିଗଲା । ଏଇ 'ଦେବା' କଥାଟା ମୁଁ ବୁଝିପାରେ ନାହିଁ । ସମାନ ଭାବରେ 'ନେବା'ରେ ମୁଁ ବିଶ୍ୱାସ କରେ । ସେ କି ପ୍ରକାର 'ଦେବା' କଥା କହୁଛି ମୁଁ ବୁଝିଗଲି । ଏଇ ଆଦାନ ପ୍ରଦାନ ଆଉ ତ ସଂଭବ ନୁହେଁ ଆମ ଭିତରେ । ଏ ନେଇ ଆମେ ବହୁ ଆଗରୁ ନିଷ୍ପତ୍ତି ନେଇସାରିଛୁ । ମୁଁ ଭାବୁଥିଲି ।

"ଘରକୁ ଯାଆନା । ରହିଯାଆ । ଆଜି ମୁଁ ତୋତେ ଗୋଟିଏ ଅଦ୍ଭୁତ ଜିନିଷ ଦେବି ।" ତା'ର ଏମିତି ରହସ୍ୟ ଭରା କଥା ମୋତେ ଭାରି ଭଲ ଲାଗେ । ମୁଁ ଜାଣିପାରିଲି ଏଇ 'ଦେବା'ଟା ନିଷ୍ଚୟ କୌଣସି ଅଭୂତପୂର୍ବ ଅନୁଭବ ହେବ । ମୁଁ ଟିକିଏ ହସିଦେଲି ।

ପ୍ରାୟ ଦିନ ତିନିଟା ବେଳକୁ ଆମେ ବାହାରିଲୁ । ସେ ଗାଡି ଚଳାଉଥାଏ ଓ ମୁଁ ତା'ପାଖରେ ବସିଥାଏ । ଏମିତିରେ ସେ ମୋତେ ଅନେକଥର ଘରେ ନେଇ ଛାଡିଦେଇଛି । ଏଥର କିନ୍ତୁ କୁଆଡେ ନେବ ? ଗାଡି ହାଇୱେରେ ଖଣ୍ଡଗିରି ରାସ୍ତା ଧରିଲାବେଳକୁ ମୁଁ ଜାଣିଲି ଯେ ସେ ମୋତେ ଗୋଟାଏ ଲମ୍ବା ଡ୍ରାଇଭ୍‌ରେ ନେବାକୁ ଚାହୁଁଛି ।

ଚନ୍ଦକା ଜଙ୍ଗଲ ଗେଟ୍ ପାଖରେ ପହଞ୍ଚି ଗାଡି ଅଟକାଇଲା ସେ । ମୋତେ ଗାଡିରେ ବସାଇ ଟିକେଟ୍ କାଟିଲା ଓ ଗାଡିରେ ଆମେ ଜଙ୍ଗଲ ଭିତର ରାସ୍ତା ଧରିଲୁ ।

"ଏତେ ସୁନ୍ଦର ଜଙ୍ଗଲ ଏତେ ପାଖରେ ଭୁବନେଶ୍ୱରର !" ମୁଁ ଆଶ୍ଚର୍ଯ୍ୟ ହେଉଥିଲି । କେମିତି ଆଜିଯାଏ ମୁଁ ଆସି ନଥିଲି ଯା'ଭିତରକୁ । କେହି କେବେ କହି ନ ଥିଲେ ମଧ୍ୟ ସେ କଥା ! ଆଜିକାଲି ଚନ୍ଦକା ଭିତରେ ଅନେକ ଭୋଜିଭାତ ହୁଏ । କିନ୍ତୁ ସେତେବେଳେ; ପନ୍ଦର ବର୍ଷ ତଳେ ୧୯୯୫ ମସିହାରେ ଆମେ ଏତେ ଖୋଜା ଖୋଜି କରୁନଥିଲୁ ଜଙ୍ଗଲକୁ ବୋଧହୁଏ । ଆଉ ସେଇଥିପାଇଁ ଜଙ୍ଗଲ ଏବେ ଆମକୁ ଛାଡି ଛାଡି ଯାଉଛି !

ଗାଡି ମୋରମ୍ ବିଛା ହୋଇଥିବା ଜଙ୍ଗଲ ରାସ୍ତାରେ ରଖି ମୋ ମୁହଁକୁ ଚାହିଁଲା ସେ । ମୋ ମୁହଁର ଖୁସି ବୋଧହୁଏ ସଞ୍ଚରିଗଲା ତା'ମୁହଁକୁ । ଟିକିଏ ହସିଦେଇ ହାତବଢ଼ାଇ ପଛସିଟ୍‌ରୁ ପ୍ୟାକେଟ୍‌ଟିଏ ଆଣିଲା ସେ ଓ ବାହାର କଲା ମୋତେ ଭଲ ଲାଗୁଥିବା ବ୍ରାଣ୍ଡ୍‌ର ୱାଇନ୍ ବୋତଲଟେ ଓ ଦୁଇଟି ପ୍ଲାଷ୍ଟିକ୍ ଗ୍ଲାସ୍ । ଓପନର୍ ଦ୍ୱାରା ବୋତଲ ଖୋଲିବାରେ ଲାଗିଲା ସେ ।

"ତୁମେ କଣ ଯାଦୁକର ?" ତାକୁ ଚିଅର୍ସ କହି ମୁଁ ଧଲା ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ସେ ଢ଼ାଳିଥିବା ୱାଇନ୍‌କୁ ମୁହଁରେ ଲଗାଇଲି । ସେ ଧୀରେ ଧୀରେ ଗାଡି ଚଳାଉଥାଏ । କେତେ ଦୂର ଭିତରକୁ ଆମେ ଗଲୁ କେଜାଣି । ସଂଧ୍ୟା ହୋଇ ଆସିଲା । ମାର୍ଚ୍ଚମାସ । କଅଁଳ ପତ୍ରସବୁ ଅପୂର୍ବ ରଙ୍ଗ ଧାରଣ କଲା ସୂର୍ଯ୍ୟାସ୍ତରେ ।

"ଆଃ ! ଏତେ ସୁନ୍ଦର ! ମୁଁ ତ ଭାବିନଥିଲି. . . " ମୋ କଣ୍ଠ ରୁଦ୍ଧି ହୋଇଯାଉଥାଏ । ସେ ତାର ରହସ୍ୟଭରା ଦୃଷ୍ଟି ଆଗକୁ ରାସ୍ତାରେ ନିବିଷ୍ଟ କରିଥାଏ । ଆମ ସାମନାରେ ଉଡିଗଲେ ମୟୂର ମୟୂରୀ ଯୋଡିଏ । "ହେଇ ଦେଖ, ଦେଖ ।" ମୁଁ ପାଟିକଲି । ସେ ଗାଡି ରୋକିଦେଲା । ସାରା ଜଙ୍ଗଲରେ ଯେମିତି ଆମଛଡା କେହି ନାହାନ୍ତି ! ସାରା ଜଙ୍ଗଲଟା ଯେମିତି ଆମର ! ସେ ଗାଡି ବୁଲାଇଲା ।

"ଦେଖ, ତୋର ବାଁ ପଟ ଆକାଶକୁ ଦେଖ ।" କିଛି ବାଟ ଫେରିବା ପରେ ସେ ମୋତେ କହିଲା । ଅନ୍ଧାର ହୋଇ ଆସୁଥାଏ । ମୁଁ ମୋ ବାଁ ପଟକୁ ଚାହିଁଲି । ରାସ୍ତା ପରେ ଘଞ୍ଚ ଜଙ୍ଗଲ, ବାଉଁଶ ବୁଦା ଓ ତା'ପରେ ଅଳ୍ପ ଉଚ ପାହାଡ । ଠିକ୍ ପାହାଡ ଉପରୁ ଉଙ୍କି ମାରୁଛି ପୂର୍ଣ୍ଣମୀ ଜହ୍ନ । କି ବିରଳ ଦୃଶ୍ୟ ସେ !

"ଅଦ୍ଭୁତ !" ମୁଁ ମୁହଁ ମେଲାକରି ସେଇ ଆକାଶକୁ ଚାହିଁ ରହିଲି । ଆଉ ପାଟିରୁ କଥା ବାହାରିଲା ନାହିଁ ମୋର । ସନ୍ଧ୍ୟା, ଆକାଶ, ଜଙ୍ଗଲ, ପୂର୍ଣ୍ଣମୀ ଚନ୍ଦ୍ରୋଦୟ ପୁଣି ଏତେ ସୁନ୍ଦର ହୋଇପାରେ ! ଏତେ ନିଜର ଲାଗିପାରେ ! ଜହ୍ନକୁ ଯେମିତି କୁଣ୍ଢେଇ ଧରି ହେବ !

"ଖୁବ୍ ସୁନ୍ଦର ନା ?" ମୋ କାନ ପାଖରେ ଧୀରେ ଧୀରେ କହିଲା ସେ । ମୋ ଆଖି ଭର୍ତ୍ତି ହୋଇଯାଇଥିଲା । ମୁଁ କିଛି କହିପାରିଲି ନାହିଁ । "ଠିକ୍ ତୋ'ରି ପରି ।" ସେ ପୁଣି ଖୁବ୍ ମୃଦୁ ଭାବରେ କହିଲା । ମୁଁ ସିଟ୍‌ରେ ଆଉଜି ଗଲି ।

"ଏଇଠି ଓହ୍ଲାଇ ଚାଲିବି ।" ମୁଁ ଛୋଟ ପିଲା ପରି ଅଳି କଲି ।

"ଏଇଠି ହାତୀ ଭର୍ତ୍ତି । ଫେରିବାକୁ ହେବ ଏବେ ।" ଯଦିଓ ପୂର୍ଣ୍ଣମୀ ଜହ୍ନ ଜଙ୍ଗଲକୁ ଉଜ୍ଜ୍ୱଳ କରୁଥିଲା, ତେବେ ବି ବେଶ ଡେରି ହୋଇ ଯାଇଥିଲା । ସେ ଗାଡି ଷ୍ଟାର୍ଟ କଲା ଓ ତା' ପୂର୍ବରୁ ମୋ ଗ୍ଲାସରେ ୱାଇନ୍ ଭରି ଦେଲା ।

"ଗୀତଟେ ଗାଆ ।" ଆମେ ଚନ୍ଦକା ଫାଟକ ଟପି ଆସିଲାବେଳକୁ ସେ କହିଲା ।

ମୁଁ ମୁହୂର୍ତ୍ତେ ଚୁପ୍ ହୋଇଗଲି ଓ ତା'ପରେ ଗାଇବାକୁ ଲାଗିଲି – କି ହେଲାରେ କହିତ ନୁହଁଇ ଭାରତୀରେ . . . ଏଇ ଗୀତଟି ପ୍ରାୟ ଆଠ ନ'ବର୍ଷ ହେଲା ମୁଁ ଗାଇନଥିଲି; ମୋ ସ୍ୱାମୀଙ୍କ ମତାମତ ଜାଣିଲାପରେ । ଶେଷ ଦୁଇପଦ ଯାହାକୁ ଚାରିଥର ସ୍ୱର ଅନୁଯାୟୀ ଗାଇବା କଥା, ତା'କୁ ବୋଧହୁଏ ଆଉ ଦି'ଥର ଅଧିକ ଦୋହରାଇଥିଲି । ଏମିତିରେ ମୋତେ ୱାଇନ୍ ବେଶ୍ ଚଢ଼ିଯାଇଥିଲା, ତା' ଉପରେ ପୁଣି ଚନ୍ଦ୍ରନିଶା । ସେ ଗାଡିର ଗତି ଧୀମେଇ ଦେଲା । ମୋ ଡାହାଣ ଜଙ୍ଘ ଉପରେ ତା' ବାଁ ହାତ ପାପୁଲି ରଖିଲା ।

"ଖାଲି ଗୀତରେ ଗାଇ ଦେଉଛୁ । କାର୍ଯ୍ୟରେ ଦେଖା କେବେ !" ମୋତେ ପରିହାସ କରି କହିଲା ।

ମୁଁ ତା'ଆଡକୁ ଚାହିଁଲି ।

"ରଖ ରଖ ଗାଡି ଏଇଠି ।" ତା'ହାତ ସହ ଷ୍ଟିଅରିଂକୁ ଧରିପକାଇଲି । ସେ ଗାଡିର ବ୍ରେକ୍ ଦେଲା । ମୁଁ ସାଂଗେ ସାଂଗେ ଗାଡି ଡୋର୍ ଖୋଲି ବାହାରି ଆସିଲି । ରାସ୍ତା କଡକୁ ପ୍ରାୟ ଦୁଇ ମିଟର ଦୂରରେ ଛୋଟିଆ ପକ୍କା ଚାନ୍ଦିନୀଟିଏ ଥାଏ । ବୋଧହୁଏ ଟ୍ୟୁବ୍‌ୱେଲ୍‌ଟେ ଲାଗିଥାଏ । ଲୋକ ବାକ କେହି କୋଉଠି ନଥାନ୍ତି । ସେଇଠି ଗାଡିକୁ ମୁହଁ କରି ଛିଡା ହୋଇଗଲି ମୁଁ । ଜହ୍ନ ଆଲୁଅରେ ଖୁବ୍ ତୋରା ଦିଶୁଥାଏ ଜାଗାଟି । ମୁଁ ପିନ୍ଧିଥିବା ଗୋଲାପୀରଙ୍ଗର ଶାଢ଼ୀର ପଣତକାନିକୁ କାନ୍ଧରୁ ଖସାଇ ସେଇ ଚାନ୍ଦିନୀ ଉପରେ ଲେଟାଇଦେଲି ।

"ଆସ ଏଇଠିକୁ । ମୋର ତୁମକୁ ଦରକାର, ବର୍ତ୍ତମାନ ।" ବୋଧହୁଏ ଟିକିଏ ଉଚ୍ଚସ୍ୱରରେ କହିଥିଲି ମୁଁ ।

ସେ ଗାଡିରୁ ବାହାରି ମୋ ପାଖକୁ ଆସିଲା । ତଳେ ଲୋଟୁଥିବା ମୋ ଶାଢ଼ୀକାନିକୁ ଉଠାଇ ମୋ କାନ୍ଧ ଉପରେ ସଜାଡି ଦେଲା । ମୋତେ କୁଣ୍ଢେଇ ଧରି ଅଧା ଚଲାଇ ଅଧା ଘୋଷାରି ଗାଡି ଭିତରେ ବସାଇଦେଲା । ସେ ଗାଡି ଚଲାଇଲାବେଳେ ମୁଁ ତା' ବାଁ କାନ୍ଧରେ ମୁଣ୍ଡ ରଖିଥିଲି । ଆଖିକୋଣରେ ଦେଖୁଥିଲି ଯେ ତା' ଓଠରେ ମୃଦୁ ହସ ଝଲକୁଛି ଓ ମଝିରେ ମଝିରେ ଡାହାଣ ହାତ ବିଶି ଆଙ୍ଗୁଠିରେ ସେ ଷ୍ଟିଅରିଂକୁ ଆସ୍ତେ ଆସ୍ତେ ବାଡେଉଛି । ସେ କୁଆଡେ ମୋତେ ନେଉଛି ମୁଁ ପଚାରୁନଥିଲି । କୋଉ ହୋଟେଲ୍, ଗେଷ୍ଟହାଉସ୍ ବା ଆମେରିକାରେ ଥିବା ତା' ପିଉସୀ ପୁଅ ଭାଇର ଭଡା ଦେବାପାଇଁ ତା'ପାଖରେ ଚାବି ଛାଡି ଯାଇଥିବା ଫ୍ଲାଟ୍ – କୁଆଡେ ହେଲେ ତା'ସହ ଯିବା ପାଇଁ ମୋର ବାରଣ ନଥିଲା ସେତେବେଳେ । ସେ କିନ୍ତୁ ଗାଡି ରଖିଲା ଅଧାବାଟରେ । ଓହ୍ଲାଇ ଯାଇ ପାନ ଦି'ଟା କିଣିଲା ଓ ଗୋଟାଏ ମୋ ମୁହଁରେ ଗୁଞ୍ଜିଦେଲା ।

"ବାସ୍ନା କମିଯିବ । ଆଜି ଗୁଡାଏ ପିଇଛୁ ତୁ ।" କହିଲା ସେ ଓ ଗାଡି ଚଳେଇ ସିଧା ମୋତେ ଆମ ଘର ଗେଟ୍ ସାମନାରେ ଛାଡିଦେଲା । ରକ୍ଷା ହୋଇଛି ମୁଁ ଘରେ ପହଞ୍ଚିଲାବେଳକୁ ମୋ ସ୍ୱାମୀ ନଥିଲେ । ନ ହେଲେ ମୋର ରୂପଭେକ ଓ ଅସଂଯତ ଅବସ୍ଥା ଦେଖି, ଯାହା ମୋ ସହ ଘଟିନାହିଁ, ସେଇଆ ହୋଇଛି ବୋଲି ସେ ଭାବିଥାନ୍ତେ !..............................................

..................................................................................................................................................

"ତୋର ପଚାଶତମ ଜନ୍ମଦିନ ମୁଁ ପାଳନ କରିବି । ସେତେବେଳକୁ ତ କିଏ ଆଖି ବଡ ବଡ କରି ଦେଖିବେ ନାହିଁ ।" ସେ କହିଥିଲା । କିନ୍ତୁ ମୋର ପଚାଶତମ ଜନ୍ମଦିନ ବେଳକୁ ସେ ଇଂଲଣ୍ଡ ଯାଇଥିଲା ଗୋଟିଏ ତିନିମାସିଆ କାର୍ଯ୍ୟକ୍ରମରେ । ଆହୁରି ମଧ ସେ କହୁଥିଲା ଯେ ତୋତେ ପଚାଶ ଟପିଲେ ଆମେ ଏକାଠି ମର୍ଣ୍ଣି ୱାକ୍ କରିବା । ତା'ପରେ ତୋ ଘରେ ବା ମୋ ଘରେ ବସି ଚା' ପିଇବା । ଏତକ ଆମେ କେତେଥର କରିଥିଲୁ । ପାର୍କ ଭିତରେ ଥରେ ମୋ ହାତ ଧରିଥିଲା ସେ । ମୁଁ କହିଥିଲି ଏବେ ମୁଁ ନିଜେ ନିଜେ ଚାଲିପାରୁଛି । ଖୁବ୍ ବୁଢ଼ୀ ହୋଇଗଲେ ମୋ ହାତ ଧରିନେବ । "ତୋତେ ଷାଠିଏ ବର୍ଷ ହୋଇଗଲେ ଆମେ ଦି'ଜଣ ଯାକ ଏକାଠି ତୀର୍ଥଯାତ୍ରା କରିବାକୁ ଯିବା ।" ମୁଁ ଖୁବ୍ ହସିଥିଲି ତା' କଥାରେ ।

ମୋତେ ଷାଠିଏ ବର୍ଷ ହେବାକୁ ଆହୁରି ପାଞ୍ଚବର୍ଷ ଅଛି । ମୁଁ କୋଉ ପୀଠର ଦେବଦେବୀଙ୍କୁ ମନାସିବି ଯେ ସେ ଠିକ୍ ହୋଇଯାଉ ! ଆମେ ସତକୁ ସତ ତୀର୍ଥଯାତ୍ରାରେ ଯିବୁ ମାନସିକ ପୂଜା କରିବା ପାଇଁ; ମୁଁ ଭାବି ହେଉଥିଲି ।

ଇଂଲଣ୍ଡରୁ ଫେରିଲାପରେ ସେ ୟୁନିଭରସିଟିରେ ପ୍ରଫେସର ହୋଇଯାଇଥିଲା । ମୋତେ ସବୁବେଳେ କହୁଥିଲା ପିଏଚ୍‌ଡି କରି ଦେ’ । ୟୁନିଭରସିଟିକୁ ଆସିପାରିବୁ । ମୁଁ ତା’କଥା ଶୁଣୁନଥିଲି । ମୋ ଗୀତ ଗାଇବା ନେଇ ମୁଁ ବୁଡିରହୁଥିଲି । ତା’ କଥା ହେଲେ ଶୁଣିଥାନ୍ତି । କିଏ ଜାଣେ, ୟୁନିଭର୍‌ସିଟିରେ ରହିଥିଲେ ତା’ସହ ଆଉ ଟିକିଏ ଅଧିକ ଦେଖା ହୋଇଥାନ୍ତା ତା’ର ସାନିଧ ଅଧିକ ପାଇଥାନ୍ତି । ଏମିତି କାହିଁକି ଭାବୁଛି ମୁଁ ? ନିଜେ ନିଜେ ଚମକି ପଡିଲି । ମୁଁ କଣ ଭାବୁଛି ଯେ ସେ . . .

କୌଣସିମତେ ଏମିତି ଚିନ୍ତାକୁ ମୁଣ୍ଡରୁ ବାହାରକଲି ।

“ଚାଲ କୁଆଡେ ପଳେଇବା ।” ଥରେ ସେ ମୋତେ କହିଥିଲା ।

“କୁଆଡେ ?” ମୁଁ ସନ୍ଦିଗ୍ଧ, ଚକିତ ହୋଇ ଚାହିଁଲି ତା’କୁ ।

“ଯୁଆଡେ ହେଲେ ବି - କେରଳ, ପଞ୍ଜାବ, ଜାମ୍ମୁ କାଶ୍ମୀର, ଅରୁଣାଚଳ ପ୍ରଦେଶ - ନହେଲେ ଆମେରିକା କି ଇଂଲଣ୍ଡ୍ । ଜୀବନକୁ ଆଉଥରେ ଗଢ଼ିବା, ଆଉ ପ୍ରକାରେ ବଞ୍ଚିବା - ଖାଲି ତୁ ଆଉ ମୁଁ ।”

“ଆଉ ତୁମ ସ୍ତ୍ରୀ, ପୁଅ, ଝିଅ ? ମୋ ସ୍ୱାମୀ, ଝିଅ, ପୁଅ ?” ମୁଁ ସତକୁ ସତ ତା’କୁ ପଚାରିଥିଲି ।

“ରୁବିକୁ ନେଇ ମୋର କୌଣସି ଆପତ୍ତି ନାହିଁ । ଏମିତିରେ କହିଲେ ଆମର ଆଦର୍ଶ ଦାମ୍ପତ୍ୟ । କିନ୍ତୁ ମୋତେ ଲାଗେ ଜୀବନକୁ ଯେମିତି ଚରମ ଭାବେ ମୁଁ ଜୀଇଥାନ୍ତି ତୋ ସାଙ୍ଗେ, ତା’ହୋଇପାରିଲା ନାହିଁ । ମୋର ଅବଶୋଷ ରହିଗଲା ।” ଦୀର୍ଘଶ୍ୱାସ ଛାଡିଥିଲା ସେ । ମୁଁ ବା କଣ କହିପାରିଥା’ନ୍ତି ତା’କୁ !

ତା’ କଥା ମାନିନେଇ ପାରିଥା’ନ୍ତି , ତା’କୁ ଭରସା କରି ସେତେବେଳେ । ମୋ ଜୀବନର ଇତିହାସ ହିଁ ବଦଳି ଯାଇପାରିଥା’ନ୍ତା । ସେ କି ମୁଁ କେହି ଏମିତି ପଦକ୍ଷେପ ନେବା ସହଜ ନ ଥିଲା । ସମାଜ ପାଇଁ ଯେତେ ନୁହେଁ, ନିଜ ପରିବାର, ପୁଅ, ଝିଅଙ୍କ ପାଇଁ । କିଏ ଜାଣେ; କଣ ମିଳିଥାନ୍ତା, କଣ ନାହିଁ !

ମୁଁ ହସ୍‌ପିଟାଲ୍‌ରେ ପହଞ୍ଚିଲାବେଳକୁ ସେ କ୍ୟାବିନ୍‌କୁ ଆସି ସାରିଥିଲା । କ୍ୟାବିନ୍ ଦ୍ୱାର ମୁହଁରେ ତା’ ସ୍ତ୍ରୀ, ଝିଅ, ଜ୍ୱାଇଁ ଓ ନାତୁଣୀ ଠିଆ ହୋଇଥିଲେ । ମୋତେ ତା’ସ୍ତ୍ରୀ କୁଣ୍ଢାଇ ଧରିଲା ଓ କାନ୍ଦିବାରେ ଲାଗିଲା । ମୁଁ ତା’କୁ ବୋଧ ଦେବାକୁ ଲାଗିଲି ।

“ଭିତରକୁ ଯାଅ ।” ତା’ ସ୍ତ୍ରୀ ମୋତେ କହିଲା ।

ଖଟ ଉପରେ ସେମିତି ଧଳା ଚାଦର ଘୋଡେଇ ହୋଇ ସେ ଶୋଇଥିଲା । ସାଲାଇନ୍ ଲାଗିଥିଲା । ମୋତେ ପାଖକୁ ଆସିବାକୁ ଈଶାରା କଲା ସେ । ମୁଁ ଧୀରେ ତା’ ମୁଣ୍ଡ ଉପରେ ହାତ ରଖିଲି । ମୁହଁ ସାମାନ୍ୟ ହଲାଇ ହସିଲା ସେ । ମୁଁ ଜାଣିପାରିଲି ମୋ ମୁହଁ ତା’ ମୁହଁ ପାଖକୁ ନେବାକୁ ସେ ଚାହୁଁଛି । ମୁଁ ନଇଁ ପଡିଲି ତା’ ମୁହଁ ପାଖରେ ।

"କଣ ଭାବିଥିଲୁ ମୁଁ ତୋତେ ଛାଡି ଚାଲିଯିବି ? ଚାଲିଗଲେ ତୁ ଆଉ କାହା ପାଖକୁ ପଳେଇବୁ କାଳେ !"

ମୁଁ ଚଟ୍‌କରି ମୁଣ୍ଡ ଉଠେଇ ନେଲି ଓ ଦ୍ୱାରଆଡକୁ ମୁହଁକରି ବୁଲିପଡିଲି । ଦ୍ୱାର ମୁହଁରେ ଠିଆ ହୋଇଥିବା ତା'ସ୍ତ୍ରୀ ଓ ଝିଅ ମୋ ଜାଲୁଜାଲୁଆ ଆଖିକୁ ଚିତ୍ର ପରି ଦିଶୁଥିଲେ । ମୁଁ ଘର ଭିତରେ ଥିବା ଆଲମାରୀ, ଟିଭି ଇତ୍ୟାଦିକୁ ଚାହିଁବାକୁ ଚେଷ୍ଟାକଲି । ମୋ ଲୁହ ଡବ ଡବ ଆଖିକୁ ଚାହିଁ ସେମାନେ ଯେମିତି ପ୍ରଶ୍ନ କରୁଥିଲେ –

"କିଛି ତ ଦେଇନୁ ସତରେ ! ପାଇଲୁ ଏତେ କେମିତି ?"

--------------------